## ଜଳସେଚନ

କମ୍ ଖର୍ଚ୍ଚରେ ଓ କମ୍ ପରିଶ୍ରମରେ ଅପେକ୍ଷାକୃତ ଅନୁର୍ବର ଓ ନିପାଣିଆ ଜମିରେ ଲଙ୍କାଆମ୍ବ ଗଛ ଲଗାଯାଉଥିଲେ ମଧ୍ଯ ସୁବିଧା ଅନୁଯାୟୀ ବଡ଼ବଡ଼ ଗଛ ଗୁଡ଼ିକରେ ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ଯରେ ୧୫ ଦିନ ଅନ୍ତରରେ ଗଛପିଛା ୨୦୦ ଲିଟର ପାଣିଦେଲେ ମଞ୍ଜି ଅମଳ ଯଥେଷ୍ଟ ବୃଦ୍ଧି ପାଏ ଓ ମଞ୍ଜି ଅପେକ୍ଷାକୃତ ପୁଷ୍ଟ ହୁଏ । ନୂଆକରି ଲଗାଯାଇଥିବା ଓ ଅପେକ୍ଷାକୃତ ଛୋଟ ଗଛ ଗୁଡ଼ିକର ଆବଶ୍ୟକତାକୁ ଚାହିଁ ଓ ମାଟିର ବତରକୁ ଦୃଷ୍ଟିରେ ରଖି ଗଛ ଗୁଡ଼ିକରେ ଖରାଦିନେ ୧୫ ରୁ ୨୦ ଦିନ ଅନ୍ତରରେ ଥରେ ଲେଖାଏଁ ପାଣି ଦେବା ଉଚିତ୍ ।

## ଅମଳ

ମନକୁମନ ଝଡ଼ି ପଡୁଥିବା ବା ପାଚିଲା ଫଳକୁ ଝାଡ଼ି ଅମଳ କରାଯାଏ । କିନ୍ତୁ ଅଧା ପାଚିଲା ଓ କଞ୍ଚା ମଞ୍ଜି ଅମଳକଲେ ତାହା ହୃଷ୍ଟପୁଷ୍ଟ ହୋଇ ନ ଥିବାରୁ ଫମ୍ପା ହୋଇଥାଏ, ଓଜନ କମିଯାଏ ଏବଂ ସେଥିରେ ଖୁବ୍ କମ୍ ଶସ ବାହାରେ କିମ୍ବା ମୋଟେ ଶସ ନ ଥାଏ । ପୁଷ୍ଟ ମଞ୍ଜିକୁ ଅମଳ କରି ଚଟାଣରେ ୨-୩ ଦିନ ଧରି ଖରାରେ ଶୁଖାଇ ଦିଆଯାଏ । ଉନ୍ନତ ତଥା ଶଙ୍କର କିସମର ଲଙ୍କାଆମ୍ବ ଗଛଗୁଡ଼ିକ ୧୦ବର୍ଷ ବୟସର ହେଲା ବେଳକୁ, ଗଛପିଛା ବାର୍ଷିକ ୧୦କିଗ୍ରା କିମ୍ବା ତା'ପରୁ ଅଧିକ ମଞ୍ଜି ଅମଳ ଦେଇଥାଏ । ହେକ୍ଟର ପ୍ରତି ଦୁଇ ଟନ୍ ପର୍ଯ୍ୟନ୍ତ ମଞ୍ଜି ଉତ୍ପାଦନ ହୋଇପାରେ ।

## ଫସଲ ସଂରକ୍ଷଣ

**କାଣ୍ଡ ଓ ଚେରବିନ୍ଧା ପୋକ:** ଏହି ପୋକଟି ପ୍ରତ୍ୟେକ ଲଙ୍କାଆମ୍ବ ବଗିଚାରେ ଦେଖାଯାଏ । ଆକ୍ରାନ୍ତ ଗଛ ମୂଳରେ ଛୋଟଛୋଟ କଣା ହୁଏ, ସିଠା ଝରେ ଓ ଚର୍ବିତଛେଦା କଣାବାଟେ ନିର୍ଗତ ହୁଏ । ଅଣ୍ଡାରୁ ଶୂକ ବାହାରି, ଗଛର ବକଳକୁ କଣ କରି ପଶେ ଏବଂ ଉପଅଧିଚର୍ମୀୟ ଓ ଉର୍ଦ୍ଧ୍ୱବାହୀ ଉତିକୁ ଅନିୟମିତ ଭାବେ ସୁଡ଼ଙ୍ଗ କରିଥାଏ । ବକଳର ଉତିଗୁଡ଼ିକରେ କ୍ଷତ ହେବା ଦ୍ୱାରା ଶିଠା ନିର୍ଗତ ହୁଏ ଯାହା କି କାଳକ୍ରମେ କଠିନ ହୋଇଯାଏ । ଉର୍ଦ୍ଧ୍ୱବାହୀ ଉତିଗୁଡ଼ିକ ନଷ୍ଟ ହେବା ଦ୍ୱାରା ଗଛ ମଧ୍ଯରେ ଖାଦ୍ୟରସ ପରିବହନ ବାଧାପ୍ରାପ୍ତ ହୁଏ । ଫଳରେ ପତ୍ର ହଳଦିଆ ହୋଇ ଝଡ଼ିପଡ଼େ । ଆକ୍ରମଣ ଅତିକ୍ରାନ୍ତ ଅବସ୍ଥାରେ ଗଛର ଡ଼ାଳଶୁଖିଯାଏ ଓ ଗଛଟି ମରିଯାଏ । ଯେତେବେଳେ ଗଛର ବକଳର ୫୦ ଶତାଂଶ ଗୋଲେଇ ମୂଳ ଅଞ୍ଚଳରେ ନଷ୍ଟ ହୋଇଯାଏ ସେତେବେଳେ ଗଛ ମରିବା ଅବସ୍ଥାକୁ ଚାଲିଆସେ ।

**ନିୟନ୍ତ୍ରଣ**: ଅଧିକ ଅମଳକ୍ଷମ ଗଛଗୁଡ଼ିକରେ ଅମଳ ସମୟରେ (ଫେବୃଆରୀରୁ ମଇ ମାସ), ପ୍ରତି ମାସରେ ଅଣ୍ଡାଶୂକର ସର୍ବେକ୍ଷଣ କରିବା ଉଚିତ । ପୋକ ଆକ୍ରମଣର ପ୍ରାରମ୍ଭରେ ଆକ୍ରାନ୍ତ ଗଛରୁ ଯାନ୍ତ୍ରିକ ଉପାୟରେ ଅପ୍ରାପ୍ତ ବୟସ୍କ ଶୁକପୋକଗୁଡ଼ିକ କାଢି ମାରିଦେବା ଆବଶ୍ୟକ ଏବଂ ସେହି କଟାସ୍ଥାନ ଓ ଗଛମୂଳକୁ ୦.୨ଶତାଂଶ କ୍ଲୋରୋପାଇରିଫସ୍ ଦ୍ୱାରା ଭିଜାଇଦେବା ଦରକାର ।

**ଚା'ମଶକ ପୋକ**: ଅକ୍ଟୋବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ (ପତ୍ର କଅଁଳିବା, ଫୁଲ ଧରିବା ଓ ଫଳ ଧରିବା ଅବସ୍ଥାରେ) ଚା'ମଶକ ପୋକର ପ୍ରାଦୁର୍ଭାବ ଦେଖାଯାଇଥାଏ । ଗାଢ ବାଦାମୀ ରଙ୍ଗ ଚକଡ଼ାର ଉପସ୍ଥିତିରୁ ଏହି ପୋକ ଖାଇଥିବା ସ୍ଥାନକୁ ଚିହ୍ନଟ କରିହୁଏ ଯାହାକି କାଳକ୍ରମେ କଅଁଳ ଡ଼ାଳ ଓ ବଉଳ ଶୁଖିବା ଏବଂ ଅପରିପକ୍ୱ ଫଳ ଝଡ଼ିବାକୁ ତ୍ୱରାନ୍ୱିତ କରିଥାଏ । ଅତ୍ୟଧିକ ଆକ୍ରାନ୍ତ ହେଉଥିବା କ୍ଷେତ୍ରରେ ଡ଼ାଳ ଶୁଖିଯାଏ । ଫୁଲ ଓ ବଉଳରେ ଆକ୍ରମଣ ଯୋଗୁଁ ବଉଳପୋଡ଼ା ଦେଖାଯାଏ, କଅଁଳ ଫଳ ଓ ଅପରିପକ୍ୱ ବାଦାମରେ ଖାଲୁଆ ଗୋଲାକାର ଦାଗ ଦେଖାଯାଏ ଓ ଫଳ ସଙ୍କୁଚିତ ହୋଇଥାଏ । ଚା'ମଶକ ପୋକ ଉଭୟ ପୂର୍ଣ୍ଣାଙ୍ଗ ଓ ଅର୍ଭକ ଅବସ୍ଥାରେ ଗଛର ନରମ ଡ଼ାଳପତ୍ର, ବଉଳ, ଅପରିପକ୍ୱ ଫଳ ଏବଂ ବଢନ୍ତା ଲଙ୍କାଆମ୍ବରୁ ରସ ଶୋଷି ଖାଆନ୍ତି ।

**ନିୟନ୍ତ୍ରଣ**: ନିୟମିତ କୀଟ ସର୍ବେକ୍ଷଣ ଓ ଉପଯୁକ୍ତ ସମୟରେ କୀଟନାଶକ ପ୍ରୟୋଗ ଦ୍ୱାରା ଚା'ମଶକ କୀଟକୁ ନିୟନ୍ତ୍ରଣ କରାଯାଇପାରିବ । ଶତକଡ଼ା ୫-୧୦ଭାଗ ନୂଆ ପତ୍ର ପୁଷ୍ପ ଗୁଚ୍ଛରେ ଚା'ମଶକ ଆକ୍ରମଣ ଦେଖାଗଲେ ପ୍ରଥମ କୀଟବିଷ ୫ଦିନ ମଧ୍ଯରେ ସିଞ୍ଚନ କରିବାକୁ ପଡ଼ିଥାଏ । ଯଦି କୀଟର ସଂଖ୍ୟା ନିୟନ୍ତ୍ରିତ ନ ହୁଏ ତେବେ ୨-୩ ସପ୍ତାହ ମଧ୍ଯରେ ୨ୟଥର କୀଟବିଷ ପ୍ରୟୋଗ କରିବାକୁ ପଡ଼ିଥାଏ । କେତେକ କ୍ଷେତ୍ରରେ ୩ଥର ଔଷଧ ପ୍ରୟୋଗ ମଧ୍ଯ ଦରକାର ହୋଇପାରେ ।

**୧ମ ସିଞ୍ଚନ : ଲାମଡ଼ା - ସାଇହାଲୋଥ୍ରିନ୍ (୦.୦୦୩%)**

**୨ୟ ସିଞ୍ଚନ : କାର୍ବାରିଲ୍ (୦.୧%) କିମ୍ବା ପ୍ରୋଫେନୋଫସ (୧ମି.ଲି. /ଏକ ଲି. ପାଣିରେ)**

**୩ୟ ସିଞ୍ଚନ : ଲାମଡା ସାଇହାଲୋଥ୍ରିନ୍ (୦.୦୦୩%)**

ଚାମଶକ ନିମ୍ବଗଛରେ ବଂଶ ବିସ୍ତାର କରିଥାଏ, ତେଣୁ ଲଙ୍କା ଆମ୍ବ ବଗିଚାରେ ବା ତାହାର ଚାରିପାଖରେ ନିମ୍ବଗଛ ବଢ଼ିବାକୁ ଦିଆଯିବା ଅନୁଚିତ । କୌଣସି ଲଙ୍କାଆମ୍ବ ଚାରାରେ ଚାମଶକ ପ୍ରତିରୋଧ ଶକ୍ତି ନଥାଏ, ମାତ୍ର ଗୋଆ-୧୧/୬ କିସମରେ ଚାମଶକ ସହଣୀ ଶକ୍ତି ରହିଛି ଯାହାକି ବିନା ଔଷଧ ସିଞ୍ଚନରେ ମଧ୍ଯ ୧ରୁ ୨ଟନ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ । ଏହା ବ୍ୟତୀତ କେତେକ ଗୌଣ ପୋକ ଯଥା ଅଗ୍ରମୁକୁଳ ବିନ୍ଧା ପୋକ, ପତ୍ର ଓ ଜାଲି କରୁଥିବା ପୋକ, ଫୁଲ ଉକୁଣୀ, ପତ୍ରଖଣି ପୋକ, ଲଙ୍କାଆମ୍ବ ଫଳ ଓ ବାଦାମ ବିନ୍ଧା ପୋକ ଆଦି ଲଙ୍କାଆମ୍ବ ଫସଲରେ ଦେଖା ଦେଇଥାଆନ୍ତି । ଏହି ସବୁ କୀଟକୁ ନିୟନ୍ତ୍ରଣ କରିବା ପାଇଁ କୁଇନାଲଫସ (୨ମି.ଲି./ ୧ମି.ଲି. ପାଣିରେ) କିମ୍ବା ପ୍ରଫେନୋଫସ (୧ମି./ ୧ଲି ପାଣିରେ) କିମ୍ବା କାର୍ବାରିଲ ୧ଗ୍ରା/ ୧ଲି. ପାଣିରେ ମିଶାଇ ପ୍ରୟୋଗ କରାଯାଇଥାଏ ।

## ପଶ୍ଚମାରୀ ବା ପାଟଳ ରୋଗ

କୀଟନାଶକ ଔଷଧ ସିଞ୍ଚନ ସତ୍ତ୍ୱେ ଯଦି ବିଶେଷ ଭାବରେ ସଂକ୍ରମିତ ଗଛର ଡ଼ାଳ ବା ଶାଖାରୁ ନୂଆପତ୍ର କଅଁଳୁ ନ ଥାଏ, ତେବେ ଉକ୍ତ ଡ଼ାଳ ବା ଶାଖାକୁ ଚିରି ପଶ୍ଚମାରୀ ରୋଗ ନିୟନ୍ତ୍ରଣ ନିଶ୍ଚିତ ହେବାକୁ ପଡ଼େ । ଯଦି ରସ କାଷ୍ଠର ବିବର୍ଣ୍ଣୀଭବନ ଦେଖାଯାଏ ତେବେ ଏହା ପଶ୍ଚମାରୀ ରୋଗର ଲକ୍ଷଣ ବୋଲି ସଂକେତ ଦିଏ । ଏହି ରୋଗର ନିୟନ୍ତ୍ରଣ ନିମନ୍ତେ କୀଟନାଶକ ଔଷଧ ସିଞ୍ଚନ ସହିତ ଶୁଖିଯାଇଥିବା ଡାଳ ବା ଶାଖାକୁ କାଣ୍ଟଛାଣ୍ଟ କରି କଟାଂଶରେ ବୋର୍ଡ଼ୋକ୍ସ ମିଶ୍ରଣ (୧୦%) ଲେପନ କରିବା ବା ଗଛକୁ ବୋର୍ଡ଼ୋକ୍ସ ମିଶ୍ରଣ (୧%) ଦ୍ୱାରା ସିଞ୍ଚନ ଆବଶ୍ୟକ ।

## ଶିଠା ଝରା ରୋଗ

ଏହି ରୋଗ ପୁରୁଣା ଅବହେଳିତ ଗଛରେ ଦେଖାଯାଇଥାଏ । ଏହି ରୋଗ ହେଲେ ଗଛରେ ଚର୍ବିତ ଛେଦା ନ ଥାଇ ଅଠା ବାହାରିଥାଏ । ଫଳରେ ଗଛ ଶୁଖିଯାଏ ଓ ମରିଯାଏ । ଏଥିପାଇଁ ଅଠାକୁ ରାମ୍ପି ବାହାର କରିଦେବା ପରେ ସେଥିରେ ବୋର୍ଡ଼ୋକ୍ସ ମିଶ୍ରଣ (ଶତକଡ଼ା ୧ ଭାଗ) ସିଞ୍ଚନ କରିବା ଆବଶ୍ୟକ ।

## ଚାଷଜନିତ ଆୟବ୍ୟୟ

ଏକ ଏକର ଲଙ୍କାଆମ୍ବ ଚାଷ କରିବା ପାଇଁ ପ୍ରାୟତଃ ୧ରୁ ୫ବର୍ଷ ପର୍ଯ୍ୟନ୍ତ ଯଥାକ୍ରମେ ୧୪,୧୬୦ଟଙ୍କା, ୯,୦୦୦ଟଙ୍କା, ୫,୪୪୦ଟଙ୍କା, ୫,୪୪୦ଟଙ୍କା ଏବଂ ୫,୪୪୦ଟଙ୍କା ଖର୍ଚ୍ଚ ହୋଇଥାଏ । ଲଗାଇବାର ୧ରୁ ୩ବର୍ଷ ଯାଏ ଅମଳ ପ୍ରାୟ ମିଳି ନ ଥାଏ । ଚତୁର୍ଥ ବର୍ଷ ଠାରୁ ଅଷ୍ଟମ ବର୍ଷ ପର୍ଯ୍ୟନ୍ତ ଏକର ପ୍ରତି ଯଥାକ୍ରମେ ୩,୬୦୦ଟଙ୍କା, ୭,୨୦୦ଟଙ୍କା, ୧୮,୦୦୦ଟଙ୍କା, ୨୮,୦୦୦ଟଙ୍କା ଏବଂ ୩୬,୦୦୦ଟଙ୍କା ଆଦାୟ ହୋଇଥାଏ । ସେହିପରି ୧୦ରୁ ୨୦ ବର୍ଷ ଯାଏ ବାର୍ଷିକ ହାରାହାରି ୪୦,୦୦୦ଟଙ୍କା ଲେଖାଏଁ ମିଳିଥାଏ । ଗୋଟିଏ ଗଛ ୨୦ ବର୍ଷ ପର୍ଯ୍ୟନ୍ତ ପୂର୍ଣ୍ଣ ଫଳ ଦେଇଥାଏ ।

# ଲଙ୍କାଆମ୍ବ ଚାଷର ନୂତନ ଦିଗନ୍ତ




ଡଃ. ପ୍ରମୋଦ କୁମାର ପଣ୍ଡା

ଡଃ. କବିତା ସେଠୀ

ଡଃ.ସନ୍ଦୀପ କୁମାର ମୂଖାର୍ଜୀ

ଜନଜାତି ଉପଯୋଜନା (Tribal Sub-plan)

ସର୍ବଭାରତୀୟ ସଂଯୋଜିତ କାଜୁ ଗବେଷଣା ପ୍ରକଳ୍ପ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ଉପକ୍ରମ

ଲଙ୍କାଆମ୍ବ ବା କାଜୁବାଦାମ ଏକ ଆମ୍ବ ଜାତୀୟ ଗଛ । ଏହାକୁ ଆମ ରାଜ୍ୟରେ ବିଭିନ୍ନ ଅଞ୍ଚଳର ଲୋକମାନେ ଭାଳିଆ, କାଜୁବାଦାମ ଆଦି କହିଥାନ୍ତି । କାଜୁ ମଞ୍ଜି, ୨୦ରୁ ୩୦ ଭାଗ ଶସ, ୨ରୁ ୩ ଭାଗ ଶସର ଉପର ଚୋପା ଏବଂ ୭୦ରୁ ୭୫ ଭାଗ ଖୋଳପା ବହନ କରିଥାଏ । ଏହାର ମଞ୍ଜିରୁ ବାହାରୁଥିବା ଶସ ଅତ୍ୟନ୍ତ ମୂଲ୍ୟବାନ ଏବଂ ଏହା ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀରେ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ କଞ୍ଚା ବା ଭାଜି କରି ଖିଆଯାଏ । ମଞ୍ଜିର ଓଜନ ସାଧାରଣତଃ ୪ରୁ ୮ ଗ୍ରାମ ହୋଇଥାଏ । ମାତ୍ର କେତେକ କିସମର ମଞ୍ଜି ଓ ଫଳର ଓଜନ ଯଥାକ୍ରମେ ୧୮ ଗ୍ରାମ୍ ଓ ୪୦ରୁ ୧୫୦ଗ୍ରାମ୍ ମଧ୍ୟରେ ଅଧିକ ହୋଇଥାଏ । ଲଙ୍କାଆମ୍ବ ମଞ୍ଜିରେ ଥିବା ଶସରୁ ଶତକଡା ୨୧ ଭାଗ ପ୍ରୋଟିନ୍ ବା ପୁଷ୍ଟିସାର ମିଳିଥାଏ । ଲଙ୍କାଆମ୍ବର ଫଳରୁ ପ୍ରଚୁର ପରିମାଣରେ ଖାଦ୍ୟପ୍ରାଣ 'ଗ' (ଭିଟାମିନ୍ 'ସି'), 'ଖ'(ରାଇବୋଫ୍ଲାବିନ୍)ଏବଂ କାଲ୍‌ସିୟମ୍ ମିଳିଥାଏ ।

## ଜଳବାୟୁ ଓ ମୃତ୍ତିକା

ଲଙ୍କାଆମ୍ବ ଗଛ ଅତ୍ୟଧିକ ଥଣ୍ଡା ଓ ତୁଷାରପାତ ସହିପାରେ ନାହିଁ । କିନ୍ତୁ ଏହା ଅଧିକ ତାପମାତ୍ରାରେ ବଢ଼ିପାରେ । ଫୁଲଫଳ ସମୟରେ ଗ୍ରୀଷ୍ମକାଳରେ ୪୦° ସେଣ୍ଟିଗ୍ରେଡ଼ରୁ ଅଧିକ ଓ ଶୀତକାଳରେ ୧୦° ସେଣ୍ଟିଗ୍ରେଡ଼ କିମ୍ବା ତା'ଠାରୁ କମ୍ ବାୟୁମଣ୍ଡଳୀୟ ତାପମାତ୍ରା ଲଙ୍କାଆମ୍ବ ଫସଲ ପାଇଁ କ୍ଷତିକାରକ ଅଟେ । ବାର୍ଷିକ ୬୦୦ ରୁ ୪୫୦୦ ମି.ମି. ପର୍ଯ୍ୟନ୍ତ ବୃଷ୍ଟିପାତ ହେଉଥିବା ଅଞ୍ଚଳରେ ଲଙ୍କାଆମ୍ବ ଚାଷ କରାଯାଇ ପାରିବ । ସମୁଦ୍ର ପତ୍ତନଠାରୁ ୭୦୦ରୁ ୧୨୦୦ ମିଟର ଉଚ୍ଚତାରେ ଅବସ୍ଥିତ ଅଂଚଳମାନଙ୍କରେ ଏହା ଚାଷ କରାଯାଇ ପାରିବ । ଫୁଲ ଓ ଫଳ ଧାରଣ ସମୟରେ ଶୁଖିଲା ପାଗ ରହିଲେ ଭଲ ଅମଳ ମିଳିଥାଏ । କିନ୍ତୁ ଫୁଲ ଓ ଫଳ ଧାରଣ ସମୟରେ ଅତ୍ୟଧିକ ତାପମାତ୍ରା (୩୯ ରୁ ୪୦° ସେଣ୍ଟିଗ୍ରେଡ଼୍) ରହିଲେ ଫୁଲ ଓ ଫଳ ଝଡ଼ିଯାଇଥାଏ ।

ଲୁଣି, ଚିକିଟା ଓ ପାଣି ଜମାହୋଇ ରହୁଥିବା ମାଟି ବ୍ୟତୀତ ଅନ୍ୟାନ୍ୟ ପ୍ରାୟ ସବୁ ପ୍ରକାର ମାଟିରେ ଲଙ୍କାଆମ୍ବ ଭଲ ବଢ଼ିପାରେ । ଏହା ସାଧାରଣତଃ ନାଲି, ଗେରୁ, ମାଙ୍କଡ଼ା ଓ ଉପକୂଳବର୍ତ୍ତୀ ମାଟିରେ ଲଗାଯାଇଥାଏ । ଉପକୂଳବର୍ତ୍ତୀ ଅଂଚଳରେ ବାଲିରେ ଏହା ଚାଷ କରାଯାଉଥିଲେ ବି ଜମିର ଉତ୍ପାଦିକା ଶକ୍ତି କମ୍ ହୋଇଥିବାରୁ କମ୍ ଅମଳ ମିଳିଥାଏ । ମାଙ୍କଡ଼ା ମାଟିର ଗଭୀରତା, ମାଟିର ଭୌତିକ ଓ ରସାୟନିକ ଗୁଣବତ୍ତାକୁ ବୁଝି ଉପଯୁକ୍ତ ପରିମାଣର ଖତ ଓ ସାର ପ୍ରୟୋଗ କଲେ ଆଶାନୁରୂପକ ଅମଳ ମିଳିବା ସମ୍ଭବ ହୁଏ । ଏହାଛଡ଼ା ଉର୍ବର ଏବଂ ଜଳସେଚିତ ଜମିରେ ଲଙ୍କାଆମ୍ବ ସଫଳ ଭାବରେ ଚାଷ କରାଯାଇ ପାରିବ ।

## ଲଙ୍କାଆମ୍ବ କିସମ

ଲଙ୍କାଆମ୍ବ ଚାଷରୁ ଅଧିକ ଅମଳ ପାଇବାକୁ ହେଲେ ମଞ୍ଜିଜାତ ଗଛ ନ ଲଗାଇ ଉନ୍ନତ କିସମର କଲମୀ ଗଛ ଲଗାଇବା ଉଚିତ୍ । ଓଡ଼ିଶାର ଜଳବାୟୁ ଓ ମୃତ୍ତିକା ପାଇଁ ଉପଯୁକ୍ତ କାଜୁ କିସମଗୁଡ଼ିକ ହେଲା ଜଗନ୍ନାଥ, ବଳଭଦ୍ର, ଏଚ୍-୨/୧୬ (ବିପିପି-୮), ଏଚ୍-୧୬୦୮ (ଧନ), ଭେଙ୍ଗୁର୍ଲା-୪, ଭେଙ୍ଗୁର୍ଲା-୯(ଏଚ୍-୩୦୩), ଏନ୍.ଆର୍.ସି.ସି୍. ସିଲେକ୍ସନ୍-୨, ଏଚ୍-୩୨୦ ଓ ଏଚ୍-୬୮ । ଏହି କିସମ ଗୁଡ଼ିକ ସାଧାରଣତଃ ସହଳ ଓ ମଧ୍ୟମ କିସମର ଅଟନ୍ତି । ଏହାର ପ୍ରାପ୍ତ ବୟସର ଗଛରୁ ହେକ୍ଟର ପିଛା ପ୍ରାୟ ୨ଟନ୍ ହିସାବରେ ମଞ୍ଜି ଅମଳ ମିଳିପାରିବ । ତା'ଛଡ଼ା ପ୍ରତ୍ୟେକ ମଞ୍ଜିର ହାରାହାରି ଓଜନ ୭ଗ୍ରାମ୍‌ରୁ ଅଧିକ ଏବଂ ଏଥିରୁ ଶତକଡ଼ା ୨୮ଭାଗରୁ ଅଧିକ ସଶ (କାଜୁ) ମିଳିବ । ଉପକୂଳବର୍ତ୍ତୀ ଅଞ୍ଚଳରେ ସମସ୍ତ ଅନୁମୋଦିତ କିସମ ଚାଷ କରାଯାଇ ପାରିବ କିନ୍ତୁ ଆଭ୍ୟନ୍ତରୀଣ ଜିଲ୍ଲାରେ ଯେଉଁଠାରେ ବାୟୁମଣ୍ଡଳର ଉତ୍ତାପ ୪୦° ସେଲ୍‌ସିୟସ୍‌ରୁ ଅଧିକ ସେଠାରେ ଭି.ଆର୍.ଆଇ.-୩, ଏଚ୍-୧୪, ବଳଭଦ୍ର, ବି.ପି.ପି.-୬ ଓ ବି.ପି.ପି.-୮ ଆଦି ସଅଳ କିସମ ଗୁଡ଼ିକ ସଫଳତାର ସହିତ ଚାଷ କରାଯାଇ ପାରିବ ।

## ଜମି ପ୍ରସ୍ତୁତି

ମଇ ମାସରେ ଜମିରେ ଥିବା ଅନାବନା ଘାସ, ବୁଦା ଇତ୍ୟାଦି କାଟି ସଫା କରିଦେଇ ଜୁନ୍ ମାସର ପ୍ରଥମ ବର୍ଷା ଆରମ୍ଭ ହେବା ପରେ ଜମିକୁ ହଳ କରି ଦିଆଯାଏ । ଗଡ଼ାଣିଆ ଜମିରେ ଆବଶ୍ୟକତା ଅନୁଯାୟୀ ମଝିରେ ମଝିରେ କମ୍ ଉଚ୍ଚର ହିଡ଼ ତିଆରି କରାଯାଇ ଜଳ ଓ ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା କରାଯାଏ ।

## ବଂଶ ବିସ୍ତାର :

ଲଙ୍କାଆମ୍ବ ମୃଦୁ କାଷ୍ଠ କଲମି (Soft Wood Grafting) ଦ୍ୱାରା ବଂଶ ବିସ୍ତାର କରାଯାଇଥାଏ । ଜୁନ୍‌ରୁ ସେପ୍ଟେମ୍ବର ମାସ ଲଙ୍କାଆମ୍ବ କଲମୀ ପାଇଁ ଉପଯୁକ୍ତ ସମୟ ଅଟେ । କଲମୀ ଚାରା ଗଛ, ମଞ୍ଜି ଚାରାଗଛ ଅପେକ୍ଷା ଶୀଘ୍ର ଫୁଲ ଫଳ ଧାରଣ କରିଥାଏ । ମୃଦୁକାଷ୍ଠ କଲମୀ ଚାରାଗଛ ଲଗାଇବା ପରେ ପରେ ଗଛ ଗୁଡିକ ଭଲ ବଢିବା ପାଇଁ ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ । ଯାହା ଫଳରେ କାଜୁବାଦାମ ବଗିଚାରୁ ଅଧିକ ଅମଳ ମିଳିପାରିବ ।

## ଗାତ ପ୍ରସ୍ତୁତି ଓ କଲମୀ ଗଛ ରୋପଣ ବିଧି

ପଥୁରିଆ ଜମି ବ୍ୟତୀତ ଅନ୍ୟାନ୍ୟ ମାଟିରେ ଗାତଗୁଡ଼ିକ ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ୭.୫ମି. x ୭.୫ମି. କିମ୍ବା ୮ମି. x ୮ମି. ବ୍ୟବଧାନରେ ୬୦ ସେମି. x ୬୦ସେମି. x ୬୦ ସେମି. ଆକାରର ଗାତ ପ୍ରସ୍ତୁତ କରିବା ଉଚିତ୍ । କିନ୍ତୁ ପଥୁରିଆ ମାଟିରେ ୧ମି. x ୧ମି. x ୧ମି. ଆକାରର ଗାତ ଖୋଳିବାକୁ ପଡ଼େ । ଗଛ ଲଗାଇବାର ୧୫-୨୦ ଦିନ ଆଗରୁ ଗାତଗୁଡ଼ିକ ଖୋଳି ପ୍ରତ୍ୟେକ ଗାତର ଏକ ପାର୍ଶ୍ୱରେ ଉପର ଅର୍ଦ୍ଧେକ ମାଟି ଓ ଅପର ପାର୍ଶ୍ୱରେ ତଳର ଅଧା ମାଟିକୁ ରଖାଯାଏ । ଗଡ଼ାଣିଆ ଜମିରେ ସୋପାନ ପ୍ରଣାଳୀ ଅବଲମ୍ବନ କରି ଗଛଗୁଡ଼ିକ ସୋପାନରେ ଲଗାଯାଏ ଓ ଗଛ ମୂଳରେ ପାଣିକୁ ଧରି ରଖିବା ପାଇଁ ଜମିର ଉପର ଭାଗରେ ଛୋଟ ଛୋଟ ଅର୍ଦ୍ଧ ଚନ୍ଦ୍ରାକୃତି ଗାତ ଖୋଳାଯାଏ । ଗଛ ଲଗାଇବା ସମୟରେ ଗାତର ଉପର ଅଧେ ମାଟି ସହିତ ଗାତପିଛା ୫କି.ଗ୍ରା. ଗୋବର ଖତ ବା ୨ କିଗ୍ରା. କୁକୁଡ଼ା ଖତ ଏବଂ ୨୦୦ଗ୍ରାମ୍ ରକ୍ ଫସ୍‌ଫେଟ୍ ସାର ମିଶାଇ ଗାତର ଉପର ମାଟିକୁ ତଳେ ଓ ତଳ ମାଟିକୁ ଗାତର ଉପରି ଭାଗରେ ଭର୍ତ୍ତି କରିବାକୁ ହୁଏ । ଉଇ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଗାତର ଭିତର ଅଂଶ ଓ ସମୁଦାୟ ମାଟିର ମିଶ୍ରଣକୁ ଶତକଡ଼ା ୦.୦୫ଭାଗ କ୍ଲୋରୋପାଇରିଫସ୍ ଔଷଧ ଦ୍ୱାରା ବିଶୋଧନ କରି ଗାତର ଠିକ୍ ମଝିରେ ଗଛ ଲଗାଯାଏ । ଓଡ଼ିଶାରେ ଜୁଲାଇ ଓ ଅଗଷ୍ଟ ମାସରେ ଲଙ୍କାଆମ୍ବ ଗଛ ଲଗାଇବାର ଉପଯୁକ୍ତ ସମୟ ଅଟେ । ଏହା ପୂର୍ବରୁ ୫ରୁ ୬ ମାସ କିମ୍ବା ତଦୁର୍ଦ୍ଧ୍ୱ ବୟସର ନୀରୋଗ ଏବଂ ହୃଷ୍ଟପୁଷ୍ଟ କଲମୀ ଲଙ୍କାଆମ୍ବ ଗଛ ଯୋଗାଡ଼ କରି ରଖାଯାଏ । ମାଟି ପିଣ୍ଡୁଳାଟିକୁ ଅକ୍ଷତ ଅବସ୍ଥାରେ ଗାତର ଠିକ୍ ମଝିରେ ଏପରି ଭାବରେ ପୋତିବାକୁ ହୁଏ ଯେପରିକି କଲମୀ ଗଛର ଯୋଡ଼େଇ ଅଂଶ ଭୂମିପତ୍ତନଠାରୁ ୧୫ରୁ ୨୦ସେ.ମି. ଉପରକୁ ରହିବ । ତା'ପରେ ଗଛମୂଳରେ ମାଟିଦେଇ ସେହି ମାଟିକୁ ସାମାନ୍ୟ ଚାପି ଦିଆଯାଏ ଏବଂ ଗଛ ମୂଳରେ କାଠିଟିଏ ପୋତି ତା'ସହିତ ଗଛକୁ ହାଲୁକା ଭାବରେ ବାନ୍ଧି ଦିଆଯାଏ । ଗଛ ଲଗାସରିଲେ ତା'ମୂଳକୁ ଅନାବନା ଶୁଖିଲା ଘାସ ଓ ପତ୍ର ଦ୍ୱାରା ଆଚ୍ଛାଦନ କରିଦେଲେ ଗଛ ମୂଳରେ ଘାସ ଉଠିବା କମିଯାଏ ଏବଂ ମାଟିରେ ଆବଶ୍ୟକ ଆର୍ଦ୍ରତା ରହେ ।

## ଖତ ଓ ସାର ପ୍ରୟୋଗ

ଗଛ ଭଲ ବଢ଼ିବା ପାଇଁ ଓ ଅଧିକ ଫୁଲ, ଫଳ ଏବଂ ଅମଳ ପାଇଁ ଅନୁମୋଦିତ ସାରର ଅର୍ଦ୍ଧେକ ପରିମାଣକୁ ବର୍ଷାଦିନ ଆରମ୍ଭରେ ଜୁଲାଇ ମାସରେ ଥରେ ଏବଂ ବାକି ଅଧେ ସାରକୁ ବର୍ଷାଦିନ ଶେଷରେ ଅର୍ଥାତ୍ ସେପ୍ଟେମ୍ବର ମାସରେ ଆଉଥରେ ପ୍ରୟୋଗ କରିବା ଆବଶ୍ୟକ । ବର୍ଷକୁ ବର୍ଷ ଗଛ ପିଛା ୧୦ରୁ୧୫ କି.ଗ୍ରା. ଜୈବିକ ଖତ ବି ପ୍ରୟୋଗ କରିବା ଆବଶ୍ୟକ । ଅନୁମୋଦିତ ସାରର ଏକ ପଞ୍ଚମାଂଶ ପରିମାଣର ସାରକୁ ବର୍ଷକିଆ ଗଛରେ, ଦୁଇ-ପଞ୍ଚମାଂଶ ସାରକୁ ଦୁଇ ବର୍ଷିଆ ଗଛରେ, ତିନି ପଞ୍ଚମାଂଶ ସାରକୁ ତିନି ବର୍ଷିଆ ଗଛରେ, ଚାରି ପଞ୍ଚମାଂଶ ସାରକୁ ଚାରି ବର୍ଷିଆ ଗଛରେ ଓ ପୂରା ମାତ୍ରାର ସାରକୁ ପାଞ୍ଚ ବର୍ଷିଆ ବା ତଦୁର୍ଦ୍ଧ୍ୱ ବୟସର ଗଛରେ ପ୍ରୟୋଗ କରାଯାଏ ।

### ସାରଣୀ-୧ ଲଙ୍କାଆମ୍ବ ଗଛ ପ୍ରତି ଅନୁମୋଦିତ ସାର

| ଗଛର ବୟସ | ଖତ (କିଗ୍ରା) | ୟୁରିଆ (ଗ୍ରାମ୍) | ରକ୍ ଫସ୍‌ଫେଟ୍ (ଗ୍ରାମ୍) | ମ୍ୟୁରେଟ୍ ଅଫ୍ ପଟାସ୍ (ଗ୍ରାମ୍) |
|---|---|---|---|---|
| ପ୍ରଥମ ବର୍ଷ | ୧୦ | ୨୧୫ | ୩୧୫ | ୮୫ |
| ଦ୍ୱିତୀୟ ବର୍ଷ | ୧୦ | ୪୩୫ | ୬୨୫ | ୧୭୦ |
| ତୃତୀୟ ବର୍ଷ | ୧୦ | ୬୫୦ | ୯୩୫ | ୨୫୦ |
| ଚତୁର୍ଥ ବର୍ଷ | ୧୦ | ୮୭୦ | ୧୨୫୦ | ୩୩୫ |
| ପଞ୍ଚମ ବା ତଦୁର୍ଦ୍ଧ୍ୱ | ୧୫ | ୧୦୮୫ | ୧୫୬୦ | ୪୧୫ |

ବର୍ଷକିଆ, ଦୁଇ ବର୍ଷିଆ, ତିନି ବର୍ଷିଆ ଓ ଚାରି ବର୍ଷିଆ ବା ତଦୁର୍ଦ୍ଧ୍ୱ ବୟସର ଗଛର ଗଣ୍ଡିଠାରୁ ଯଥାକ୍ରମେ ୫୦ ସେ.ମି., ୭୫ ସେମି., ୧ମିଟର ଓ ୧.୫ମିଟର ଦୂରରେ ୨୫ସେମି. ଓସାରଏବଂ ୧୫ ସେମି. ଗଭୀରର ଗୋଲାକାର ଖାଇ ପ୍ରସ୍ତୁତ କରି ସେଥିରେ ସାର ପ୍ରୟୋଗ କରି ମାଟିରେ ମିଶାଇ ଦିଆଯାଏ ।

## ଘାସ ବଛା

ବର୍ଷା ଆରମ୍ଭ ହେବା ପରେ ଗଛ ମୂଳରୁ ୨ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ସମସ୍ତ ଘାସ ଓ ଅନାବନା ଗଛ ବାଛିଦେବା ଦରକାର । ଧାଡ଼ି ମଝିରେ ଥିବା ଅନାବନା ଗଛ ଗୁଡ଼ିକ ମଧ୍ୟ ଚାଷକରି ମାଟିରେ ମିଶାଇ ଦେବା ଆବଶ୍ୟକ । ଅଧିକ ମଜୁରୀ ଖର୍ଚ୍ଚକୁ ରୋକିବା ପାଇଁ ବର୍ଷାଦିନ ଆରମ୍ଭରେ ଖଣ୍ଡା ସାହାଯ୍ୟରେ ଅନାବନା ଗଛ ଗୁଡ଼ିକୁ କାଟି ଚପେଇ ଦିଆଯାଏ ଓ ୧୫ ରୁ ୨୦ ଦିନ ପରେ ହେକ୍ଟର ପିଛା ୪୦୦ ଲିଟର ପାଣିରେ ଦୁଇ ଲିଟର ହିସାବରେ ଗ୍ଲାଇଫସ୍‌ଫେଟ୍ ତୃଣନାଶକ ଔଷଧ ସିଞ୍ଚନ କରାଯାଏ ।

## କାଟଛାଣ୍ଟ

ଗଛ ଲଗାଇବାର ପ୍ରଥମ ୩ ରୁ ୪ ବର୍ଷ ଭିତରେ ଆବଶ୍ୟକତା ଅନୁଯାୟୀ କାଟଛାଣ୍ଟ କରି ଗଛକୁ ଉତ୍ତମ ଆକୃତି ବିଶିଷ୍ଟ କରାଯିବା ଆବଶ୍ୟକ । ମାଟି ଉପରୁ ୧ମିଟର ଉଚ୍ଚତା ପର୍ଯ୍ୟନ୍ତ କାଣ୍ଡକୁ ନିରୋଳା ଓ ସଳଖ ଭାବରେ ବଢ଼ିବା ପାଇଁ ଛାଡ଼ିଦେଇ ସେଥିରୁ ବାହାରୁଥିବା ଶାଖା ପ୍ରଶାଖାଗୁଡ଼ିକୁ କାଟିଦେବା ଦରକାର । ପ୍ରାୟ ୪-୫ ବର୍ଷ ବୟସର ଗଛର ଅଗ୍ରଭାଗକୁ ମାଟି ଉପରୁ ପ୍ରାୟ ୪ ରୁ ୫ ମିଟର ଉଚ୍ଚତାରେ କାଟିଦେଲେ ଗଛ ସିଧା ଭାବରେ ନବଢ଼ି ସେଥିରୁ ଅଧିକ ଶାଖା ବାହାରେ ଓ ଗଛ ଝଙ୍କାଳିଆ ହୋଇ ବଢ଼େ ଏବଂ ବେଶୀ ଫୁଲ ଓ ଫଳ ଆସେ । ଏହା ବ୍ୟତୀତ ଅଙ୍କାବଙ୍କା, ରୋଗଣା, ପୁରୁଣା ଓ ଅଫଳନ୍ତି ଡ଼ାଳ ଗୁଡ଼ିକୁ କାଟି ବହାର କରି ଦେବା ଉଚିତ୍ । ଏହା ଫଳରେ ଗଛର ସମସ୍ତ ଅଂଶ ଭଲଭାବରେ ବଢ଼ିବ। ସଂଗେସଂଗେ ସୂର୍ଯ୍ୟକିରଣ ସବୁଆଡ଼େ ସମାନଭାବେ ପଡ଼େ । ଅଗଷ୍ଟରୁ ସେପ୍ଟେମ୍ବର ମାସରେ ଗଛକୁ କାଣ୍ଟଛାଣ୍ଟ କରାଯାଏ । କଟା ଅଂଶରେ ସଂଗେସଂଗେ ଶତକଡ଼ା ୧୦ଭାଗ ବୋର୍ଡ଼ୋକ୍ସ ମିଶ୍ରଣ ଲେପ ଦେବା ଆବଶ୍ୟକ । କଟା ଅଂଶ କମ୍ ଥିଲେ ଶତକଡ଼ା ୧ଭାଗ ବୋର୍ଡ଼ୋକ୍ସ ମିଶ୍ରଣ ସିଞ୍ଚନ କରିବା ଆବଶ୍ୟକ ।